# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 June – 2026

************************************

## ମୁଖ୍ୟ ସମ୍ବାଦ

- ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନେଇ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

- ଓଡ଼ିଶା-ଛତିଶଗଡ଼ ମଧ୍ୟରେ ନୂଆଦିଲ୍ଲୀରେ ମହାନଦୀ ଜଳବିବାଦକୁ ନେଇ ଦୁଇ ରାଜ୍ୟର ବୈଷୟିକ ବିଶେଷଜ୍ଞଙ୍କ ମଧ୍ୟରେ ହେବ ୧୦ ଦିନିଆ ଆଲୋଚନା

- ‘ସମସ୍ୟାରୁ ସମାଧାନ ପର୍ଯ୍ୟନ୍ତ-ସବୁ ସ୍ଥାନରେ ସୁରକ୍ଷିତ ଖାଦ୍ୟ’ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ‘ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ଏବଂ

- ବାୟୁମଣ୍ଡଳରେ ଆଦ୍ରତାର ପରିମାଣ ଅଧିକ ରହୁଥିବାରୁ ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି

## ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୨୦୪ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଖୋର୍ଦ୍ଧା ଶ୍ରୀଲୋକନାଥଦେବ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ସହ ପ୍ରତିଟି ଶିଶୁକୁ ଏକ ବିଶ୍ୱସ୍ତରୀୟ ଶୈକ୍ଷିକ ପରିବେଶ ଯୋଗାଇ ଦେବା ପାଇଁ ସରକାର ସଂକଳ୍ପବଦ୍ଧ। ଗ୍ରାମ ପଞ୍ଚାୟତ ସ୍ତରରେ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟ ପାଇଁ ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଜାତୀୟ ଶିକ୍ଷାନୀତି ୨୦୨୦କୁ ଭିତ୍ତିକରି ପରିକଳ୍ପିତ ଏହି ଯୋଜନା ବିକଶିତ ଓଡ଼ିଶାର ଶିକ୍ଷାସାଧନ ଭାବରେ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷା ସହ ଛାତ୍ରଛାତ୍ରୀଙ୍କର ଦକ୍ଷତା ବିକାଶ ସୁନିଶ୍ଚିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଦିଗରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିବ। ଆଗାମୀ ଦିନରେ ୨ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ନିର୍ମାଣ ଶହ

୨୦୨୮ ଏବଂ ୨୯ ମସିହା ମଧ୍ୟରେ ୨ ହଜାର ୨୦୦ ପ୍ରାଥମିକ ବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦକୁ ନେଇ ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଚଳିତ ମାସ ୧୬ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଦୁଇ ରାଜ୍ୟର ବୈଷୟିକ ଦଳଙ୍କ ମଧ୍ୟରେ ଆଲୋଚନା ହେବ । ମିଳିଥିବା ସୂଚନା ଅନୁସାରେ ଉଭୟ ରାଜ୍ୟ ମଧ୍ୟରେ ଜଳ ଆବଣ୍ଟନକୁ ନେଇ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନପାଇଁ ବିଚାର କରିବା ନେଇ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷା ଜଷ୍ଟିସ୍ ବେଲା ଏନ୍. ତ୍ରିବେଦୀ ଗତ ଶୁଣାଣିବେଳେ ଦୁଇପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ଚଳତ ମାସ ୨୭ ତାରିଖରେ ମହାନଦୀ ଜଳ ବିବାଦର ଶୁଣାଣି ହେବ ବୋଲି ଜଣାପଡ଼ିଛି ।

## ସଣ୍ଡେ ଅନ୍ ସାଇକେଲ

ନିରୋଗ ଏବଂ ପରବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଲାଗି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱରରେ 'ସାଇକେଲରେ ରବିବାର-ସଣ୍ଡେଜ୍ ଅନ୍ ସାଇକେଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଭାଗନେଇ କହିଛନ୍ତି ଏକ ପ୍ରଗତିଶୀଳ ଓଡ଼ିଶା ଗଠନ ଦିଗରେ ସୁସ୍ୱାସ୍ଥ୍ୟର ପ୍ରମୁଖ

ଭୂମିକା ରହିଛି । ଶ୍ରୀ ସୂରଜ ପରିବେଶ ରକ୍ଷା ପାଇଁ ମିଳିତ ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି ।

**ନୂଆପଡ଼ା** ଜିଲ୍ଲା ଖଡିଆଳ ବନଖଣ୍ଡ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ସଚେତନତା ସୃଷ୍ଟି ଲାଗି ସାଇକେଲ ଦିବସ ପାଳିତ ହୋଇଯାଇଛି । ଖଡିଆଳ ମିଶନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ଦ୍ଦେଶିକା କାର୍ଯ୍ୟକ୍ରମରେ ଯୋଗଦେଇ ସାଇକେଲ ଯାତ୍ରା ପ୍ରଦୂଷର ନିୟନ୍ତ୍ରଣ କରିବା ସହ ମଣିଷ ଶରୀରକୁ ସୁସ୍ଥ ଓ ସବଳ କରିବ ବୋଲି କହିଛନ୍ତି ।

## ଏସ୍‌ଆଇଆର

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର କାର୍ଯ୍ୟ ଜାରି ରହିଛି । ଗତକାଲି ଅଷ୍ଟମ ଦିନ ସୁଦ୍ଧା ୧ କୋଟି ୯୮ ଲକ୍ଷ ୯୭ ହଜାର ୩୩୧ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି । ଚଳିତମାସ ୨୮ ତାରିଖ ସୁଦ୍ଧା ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ ଶେଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ରାୟଗଡ଼ା** ଜିଲ୍ଲାରେ ଏସ୍‌ଆଇଆର ପାଇଁ ଭୋଟର ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ମହାତ୍ମା ଗାନ୍ଧୀ ପାର୍କରେ ଶେଷ ହୋଇଥିଲା ।

**ବୌଦ୍ଧ** ଜିଲ୍ଲାରେ ଏସ୍‌ଆଇଆର ପ୍ରକ୍ରିୟାର ତଦାରଖ ପାଇଁ ଆଜି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୂତି ଭୂଷଣ ନାୟକ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରଭଙ୍ଗା ତହସିଲ ଅଂଚଳ ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାରେ ଗତକାଲି ସୁଦ୍ଧା ୩୩ ପ୍ରତିଶତରୁ ଅଧିକ ଫର୍ମ ବଣ୍ଟନ କରାଯାଇଛି। ସଚେତନତା ସୃଷ୍ଟି ଲାଗି ଆଜି ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

**ଭଦ୍ରକ** ଜିଲ୍ଲାରେ ଏସ୍.ଆଇ.ଆର. ପ୍ରକ୍ରିୟାରେ ଗତକାଲି ସୁଦ୍ଧା ୫ ଲକ୍ଷ ୪୫ ହଜାର ୭୩୮ ଜଣ ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ଜିଲ୍ଲାରେ ୧ ହଜାର ୩୨୪ ଜଣ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି।

## ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ, ଯୋଗାଣ ଓ ସେବନ ପଦ୍ଧତି ଜରିଆରେ ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ ପାଳନ କରାଯାଉଛି। ଚଳିତବର୍ଷର ଏହି ଦିବସର ବାର୍ତ୍ତା ରହିଛି 'ସମସ୍ୟାରୁ ସମାଧାନ ପର୍ଯ୍ୟନ୍ତ, ସବୁ ସ୍ଥାନରେ ସୁରକ୍ଷିତ ଖାଦ୍ୟ'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଖାଦ୍ୟପେୟରୁ ଉତ୍ପନ୍ନ ହେଉଥିବା ରୋଗ ଯୋଗୁଁ ପ୍ରତିବର୍ଷ ପ୍ରାୟ ୪ ଲକ୍ଷ ୨୦ ହଜାରରୁ ଅଧିକ

ଲୋକଙ୍କର ମୃତ୍ୟୁ ହୋଇଥାଏ। ଖାଦ୍ୟ ମାନକକୁ ବଜାୟ ରଖିବାର ଗୁରୁତ୍ୱ ଉପରେ ବିଭିନ୍ନ ସଂଗଠନ ପକ୍ଷରୁ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଭିନ୍ନ ସ୍ଥାନରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ସଂକ୍ରାନ୍ତ କର୍ମଶାଳା ଓ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

**ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ଅବସରରେ ନିରାପଦ ଖାଦ୍ୟ ସମସ୍ତଙ୍କର ଦାୟିତ୍ୱ ବୋଲି କହିଛନ୍ତି। ସୁରକ୍ଷିତ ଖାଦ୍ୟ ପ୍ରଚଳନ ମାଧ୍ୟମରେ ସ୍ୱାସ୍ଥ୍ୟକର ଜୀବନ ନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ନିରାପଦ ଓ ପୁଷ୍ଟିକର ଖାଦ୍ୟ ସୁସ୍ଥ ଜୀବନର ମୂଳ ଆଧାର ବୋଲି **ସ୍ୱାସ୍ଥ୍ୟମନ୍ତ୍ରୀ** ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ପ୍ରତି ସଚେତନ ହୋଇ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ସମାଜ ଗଠନରେ ସହଯୋଗ କରିବା ଲାଗି ଡକ୍ଟର ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ **କ୍ରୀଡାମନ୍ତ୍ରୀ** ସୂର୍ଯ୍ୟବଂଶୀ ସୂରଜ ସମସ୍ତଙ୍କୁ ସଚେତନ କରାଇବା ସହ ଖାଦ୍ୟର ଅପଚୟ ରୋକିବା ଏବଂ ଶୁଦ୍ଧ, ପୁଷ୍ଟିକର ଓ ନିରାପଦ ଆହାର ଗ୍ରହଣ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି।

## କର୍କଟ ବିଜୟୀ ଦିବସ

କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଛି । ୧୯୮୮ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ପ୍ରଥମ ରବିବାରରେ ଏହି ଦିବସ ପାଳିତ ହୋଇଆସୁଛି । ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଗଲେ କର୍କଟ ରୋଗକୁ ପରାଜିତ କରାଯାଇପାରିବ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର ଆକଳନ ଅନୁଯାୟୀ ବିଶ୍ୱବ୍ୟାପୀ କର୍କଟ ରୋଗୀ ସଂଖ୍ୟା ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ରୋଗକୁ ପ୍ରତିହତ କରିବାକୁ ହେଲେ ସଚେତନତା ଜରୁରୀ । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ କେତେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ଆଲୋଚନାଚକ୍ର

'ଉଦୀୟମାନ ଚିକିତ୍ସା ଏବଂ ସାମ୍ପ୍ରତିକ ପରିଚାଳନା ରଣନୀତି' ଶୀର୍ଷକ ଆଲୋଚନାଚକ୍ର **ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ୍‌ରେ ଅନୁଷ୍ଠିତ ହୋଇଯାଇଛି । 'ଜାତୀୟ ଉଟ୍‌କନ୍-୨୦୨୬' ସମ୍ମିଳନୀ ଅବସରରେ ମଧୁମେହ, ଥାଇରଏଡ୍ ଆଦି ରୋଗର ନୂତନ ଚିକିତ୍ସା ପଦ୍ଧତି ସମ୍ପର୍କରେ ଓଡ଼ିଶା ସମେତ ୧୦ଟି ରାଜ୍ୟର ୧୩୦ ଜଣ ଅଧ୍ୟାପକ ଓ ୫୦୦ ଜଣ ପ୍ରତିନିଧି ଆଲୋଚନା କରିଛନ୍ତି । ନୂତନ ଚିକିତ୍ସା

ପଦ୍ଧତି ଏବଂ ଔଷଧ ମଧୁମେହ ଓ ଥାଇରଏଡ୍ ରୋଗ ନିୟନ୍ତ୍ରଣ କରିବା କ୍ଷେତ୍ରରେ ସହାୟକ ହେବ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି।

## ସିଏମ୍ ଟ୍ରଫି

ସିଏମ୍ ଟ୍ରଫି ୨୦୨୬ ଅନ୍ତର୍ଗତ ଜୋନ୍‌ସ୍ତରୀୟ ଭଲିବଲ୍ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ **ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ଗଜପତି ମାଲକାନଗିରିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ବାଳିକା ବିଭାଗ ଫାଇନାଲ ମ୍ୟାଚ୍‌ରେ ମାଲକାନଗିରିକୁ ପରାସ୍ତ କରି କଳାହାଣ୍ଡି ଚାମ୍ପିଅନ୍ ହୋଇଛି। ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଏବଂ ବୌଦ୍ଧ ଜିଲ୍ଲା କ୍ରୀଡାସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଦୁଇଦିନିଆ ପ୍ରତିଯୋଗିତାରେ ୮ଟି ଜିଲ୍ଲାରୁ ୨୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପକ୍ଷରୁ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୦୨୬ର ଫଳାଫଳ ପରବର୍ତ୍ତୀ ସେବା ପୋର୍ଟାଲରେ ଆପତ୍ତି ଯାଞ୍ଚ ଏବଂ ଉତ୍ତର ଖାତାର ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବାର ଆଜି ଶେଷ ଦିନ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କହିଛି ଏହି ପୋର୍ଟାଲ ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ଖୋଲା ରହିବ।

ଛାତ୍ରଛାତ୍ରୀମାନଙ୍କୁ ସମୟସୀମା ପୂର୍ବରୁ ନିଜର ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ଦାଖଲ କରିବା ପାଇଁ ବୋର୍ଡ ପରାମର୍ଶ ଦେଇଛି।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ସପ୍ତାହ ଶେଷ ଆଡ଼କୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି। ବର୍ତ୍ତମାନ ପାଣିପାଗ ସ୍ଥିତିରେ ଆସନ୍ତା ସପ୍ତାହ ସୁଦ୍ଧା ଗରମ ଓ ଗୁଳୁଗୁଳି ଜାରି ରହିବ ଏବଂ କେତେକ ସ୍ଥାନରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଅନ୍ୟପକ୍ଷରେ, କାଳବୈଶାଖୀର ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ବାୟୁମଣ୍ଡଳରେ ଆର୍ଦ୍ରତାର ପରିମାଣ କେତେକ ସ୍ଥାନରେ ଅଧିକ ରହୁଥିବାରୁ ଅସହ୍ୟ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପ୍ରତ୍ୟେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲା ରାଜନଗରରେ ସର୍ବାଧିକ ୮୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।